## ସଂକ୍ଷେପରେ

### ଉନ୍ନୟନ କାର୍ଯ୍ୟର ବିଲ୍ ମିଳୁନି

ତାଳଚେର,୨୨।୩(ନି.ପ୍ର.): ତାଳଚେର ବ୍ଲକ କୁମୁଣ୍ଡା ପଞ୍ଚାୟତ ଡେଭେଲପମେଣ୍ଟ ପ୍ଲାନ ୨୦୨୦-୨୧ କାମର ବକେୟା ବିଲ ଅର୍ଥ ଏଯାଏ ମିଳିନାହିଁ। ଏ ନେଇ ସ୍ଥାନୀୟ ଅଞ୍ଚଳର ବିନୋଦ ବେହେରା, ପ୍ୟାରୀମୋହନ ପ୍ରଧାନ ଏବଂ ପନଙ୍ଗ ଭୂଷଣ ବେହେରା କୁମୁଣ୍ଡା ପଞ୍ଚାୟତର ପିଇଓଙ୍କ ବିରୋଧରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିବା ସୂଚନା ମିଳିଛି। ଅଭିଯୋଗ ଅନୁଯାୟୀ, କୁମୁଣ୍ଡା ପଞ୍ଚାୟତ ଅଧୀନରେ ଥିବା କୁମୁଣ୍ଡା ପିଡବ୍ଲ୍ୟୁଡି ରୋଡ ଠାରୁ ବିକାଶ ପ୍ରଧାନଙ୍କ ଘର ପର୍ଯ୍ୟନ୍ତ ୨ ଲକ୍ଷ ଟଙ୍କା ଓ ଚିତଲପୁର ଗ୍ରାମର ଟ୍ରାନ୍ସଫର ଛକ ଠାରୁ ଲୋକନାଥ ବେହେରା ଘର ପର୍ଯ୍ୟନ୍ତ ୧ ଲକ୍ଷ ୯୦ ହଜାର ଟଙ୍କାର କାର୍ଯ୍ୟ ୧୫ ତମ ସେଣ୍ଟ୍ରାଲ ଫାଇନାନ୍ସ କମିଶନଙ୍କ ଅଧୀନରେ ୨୦୨୦-୨୧ରେ ସମ୍ପୂର୍ଣ୍ଣ ହୋଇସାରିଛି। ବର୍ତ୍ତମାନ ସୁଦ୍ଧା ଉକ୍ତ କାମର କୌଣସି ବିଲ୍ ମିଳି ପାରିନାହିଁ। କୁମୁଣ୍ଡା ପଞ୍ଚାୟତର ନିର୍ବାହୀ ଅଧିକାରୀ ୨ ବର୍ଷ ହେଲା ବିଲ୍ ନ ଦେଇ ସେମାନଙ୍କୁ ହଇରାଣ ହରକତ କରୁଛନ୍ତି ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ଏହାଦ୍ୱାରା କାମରେ ନିୟୋଜିତ ହୋଇଥିବା ଶ୍ରମିକ ଓ ଉପକରଣ ବାବଦ ପଇସା ଦିଆ ଯାଇପାରି ନାହିଁ। ଏଣୁ ଏହାର ତଦନ୍ତ କରି ବକେୟା ବିଲ୍ ପ୍ରଦାନ ନିମନ୍ତେ ଅଭିଯୋଗକାରୀ ଦାବି କରିଛନ୍ତି।

# ଦର୍ଶନ ପାଇଁ ୨ ଓ ୩ ନଂ. ଗେଟ୍‌ରେ ଯିବେ ଶ୍ରଦ୍ଧାଳୁ

### ମା' ହିଙ୍ଗୁଳା ଯାତ୍ରା ଓ ଲୋକ ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ


ବୈଠକରେ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀଙ୍କ ସହ ଅନ୍ୟମାନେ।

ତାଳଚେର, ୨୨।୩ (ନି.ପ୍ର.)

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରା ଓ ୧୯ତମ ଲୋକ ମହୋତ୍ସବ ନିମନ୍ତେ ଚତୁର୍ଥ ପ୍ରସ୍ତୁତି ବୈଠକ ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ତାଳଚେର ଉପଜିଲାପାଳ ତଥା ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ବିଶ୍ୱରଞ୍ଜନ ରଥ ଅଧ୍ୟକ୍ଷତା କରିଥିଲେ। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ସମେତ ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟଙ୍କ ଉପସ୍ଥିତରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଉପଜିଲାପାଳ ରଥ ବାର୍ଷିକ ଯାତ୍ରା ନିମନ୍ତେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଓ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱେଚ୍ଛାକୃତ ଭାବେ ଖାଦ୍ୟପଦାର୍ଥ ବା ସରବତ ବଣ୍ଟନ କରିବାକୁ ଆଗ୍ରହୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଥମେ ଟ୍ରଷ୍ଟବୋର୍ଡ ପାଖରୁ ଅନୁମତି ନେବେ ଓ ଅଗ୍ରିମ ୧୦ ହଜାର ଟଙ୍କା ଜମା ଦେବେ। ଯାତ୍ରା ସମାପ୍ତ ପରେ ଉକ୍ତ ଅର୍ଥ ଫେରସ୍ତ ଦିଆଯିବ। ସେହିପରି ଯାତ୍ରାସ୍ଥଳୀ ଭିତରକୁ କୌଣସି ଗାଡି ଛଡ଼ାଯିବ ନାହିଁ। କରଡେଇ ଠାକୁରାଣୀଙ୍କ ସମ୍ମୁଖ ଜାଗା ଓ ରାସ୍ତା ନିକଟସ୍ଥ ବାଉଁଶବଣି ସମ୍ମୁଖ ଜାଗାରେ ଗାଡି ପାର୍କିଂ ବ୍ୟବସ୍ଥା ରଖାଯାଇଛି। ଲୋକ ମହୋତ୍ସବ ମଞ୍ଚ ପଛପାଖ ଜାଗାରେ ଭିଆଇପି ଓ ରାଜନେତାମାନଙ୍କ ଗାଡି ପାର୍କିଂ କରାଯିବ। ହିଙ୍ଗୁଳା ମନ୍ଦିରର ୨ ଓ ୩ନଂ. ଗେଟରେ ଶ୍ରଦ୍ଧାଳୁମାନେ ଚାଲି ଚାଲି ଦର୍ଶନ କରିପାରିବେ। ଭିଡକୁ ନିୟନ୍ତ୍ରଣ କରିବାକୁ ୬ ପ୍ଲାଟୁନ ଫୋର୍ସ ମୁତୟନ କରାଯିବା ସହ ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯିବ। ଉଭାସ୍ଥଳୀରେ ପଲିଥିନରେ ଭୋଗ ଅର୍ପଣ କରିବାକୁ ନିଷେଧ କରାଯାଇଛି। ଯାତ୍ରାକୁ ସୁରୁଖୁରୁରେ ସମାପନ କରିବା ପାଇଁ ବିଭିନ୍ନ ସବ୍‌କମିଟି ଗଠନ କରାଯାଇଥିବା ବେଳେ ପ୍ରତି ସବ୍‌କମିଟିରେ ଟ୍ରଷ୍ଟବୋର୍ଡର ଜଣେ ଜଣେ ସଦସ୍ୟଙ୍କୁ ସଂଶ୍ଳିଷ୍ଟ କରାଯାଇଛି। ଯାତ୍ରାକୁ ସଫଳ କରିବାକୁ ଜନସାଧାରଣଙ୍କ ସହଯୋଗ ଆବଶ୍ୟକ ବୋଲି ଉପଜିଲାପାଳ ରଥ ପ୍ରକାଶ କରିଥିଲେ।

# ୫୦ ୟୁନିଟ୍ ରକ୍ତ ସଂଗ୍ରହ

ବଇଣ୍ଡା, ୨୨।୩ (ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ କାମୁଡୋଲି ହାଇସ୍କୁଲ ପରିସରରେ ବୁଧବାର ବଜରଙ୍ଗବାଲି ସଂଘ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କାମୁଡୋଲି ସରପଞ୍ଚ ପ୍ରଭାକର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ କେଶବ ପ୍ରଧାନ, ଶ୍ରୀବତ୍ସ ପ୍ରଧାନ, ବୃନ୍ଦ ସାହୁ, ଅଞ୍ଜନା ବେହେରା, ବିମଳ ପ୍ରଧାନ, କଳ୍ପତରୁ ପ୍ରଧାନ, ରୀନା ପ୍ରଧାନ, ଅଞ୍ଜଳି କଠାର ପ୍ରମୁଖ ଯୋଗଦେଇଥିଲେ। ଏଥିରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏଥିରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଯୁବଗୋଷ୍ଠୀମାନେ ଯୋଗଦେଇ ରକ୍ତଦାନ କରିଥିଲେ। ଆଠମଲ୍ଲିକ ବ୍ଲଡ ବ୍ୟାଙ୍କର କର୍ମଚାରୀ ସହଯୋଗ କରିଥିବା ବେଳେ ପଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅର୍ଶିନୀ କ୍ଷେତି ଯୋଗଦେଇ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।


ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

# ଜଙ୍ଗଲ ନଷ୍ଟ ନ କରିବାକୁ କରାଯିବ ସଚେତନ

ବଇଣ୍ଡା, ୨୨।୩ (ଡି.ଏନ.ଏ.)

ଆଠମଲ୍ଲିକ ବନଖଣ୍ଡର ଅବସରପ୍ରାପ୍ତ କର୍ମଚାରୀଙ୍କ ଏକ ବୈଠକ ବୁଧବାର ମାନଯୋର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭବାନୀ ଶଙ୍କର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅବସରପ୍ରାପ୍ତ କର୍ମଚାରୀ ବାଇଧର ବେହେରା, ବଳରାମ ସାହୁ, ବିରଞ୍ଚି ନାରାୟଣ ସେଠୀ, ଜୟନ୍ତ କୁମାର ମିଶ୍ର, ଭୀମସେନ ସେଠୀ, ରଜନୀକାନ୍ତ ପଣ୍ଡା, ଗୋବିନ୍ଦ ଦାସ, ଚିତ୍ତରଞ୍ଜନ ପ୍ରଧାନଙ୍କ ସମେତ ୬୦ ଜଣ ଅବସରପ୍ରାପ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ମାଧପୁର କେନ୍ଦୁପତ୍ର ବିଭାଗର ରେଞ୍ଜର ଉଦୟନାଥ ବେହେରାଙ୍କ ତତ୍ତ୍ୱାବଧାନରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିବା ବେଳେ କିଭଳି ଆଗକୁ ଜଙ୍ଗଲକୁ ନଷ୍ଟ ନ କରିବା ପାଇଁ ଗ୍ରାମରେ ସଚେତନତା ସୃଷ୍ଟି କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୀତବାସ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ବୈଠକରେ ଉପସ୍ଥିତ ଅବସରପ୍ରାପ୍ତ କର୍ମଚାରୀମାନେ।

# ରାଷ୍ଟ୍ରୀୟ ନବବର୍ଷରେ ଭାରତମାତା ପୂଜନ

ଅନୁଗୋଳ ଅଫିସ/ ଆଠମଲ୍ଲିକ/ ମାଧପୁର, ୨୨।୩

ଅନୁଗୋଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବୁଧବାର ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ରାହ୍ମଣଦେଇ ଆଶ୍ରମ ମଠାଧୀଶ ସ୍ୱାମୀ ସଚ୍ଚିଦାନନ୍ଦଜୀ ମହାରାଜ, ପରିଚାଳନା ସମିତି ସମ୍ପାଦକ ଧନେଶ୍ୱର ନାଏକ, ଉପସଭାପତି ସନ୍ତୋଷ କୁମାର ମୋଦି, କୋଷାଧ୍ୟକ୍ଷ ସନ୍ତୋଷ କୁମାର ଶତପଥୀ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ ଦିବସର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହିତ ବିଦ୍ୟାଳୟ ମାତୃମଣ୍ଡଳୀଙ୍କ ଦ୍ୱାରା ଭାରତମାତାଙ୍କ ପୂଜନ କାର୍ଯ୍ୟକ୍ରମ କରାଯାଇଥିଲା। ସହ ପ୍ରଧାନ ଆଚାର୍ଯ୍ୟ ବିପ୍ରଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଆଠମଲ୍ଲିକ ସହରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପାଳିତ ଏହି ଉତ୍ସବକୁ ବିଦ୍ୟାଳୟ ପ୍ରତିଷ୍ଠାତା ସଭାପତି ସୁଧୀର କୁମାର ମିଶ୍ର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ଅନୁଗୋଳ ଜିଲା ଅଧିବକ୍ତା ପରିଷଦ ଉପସଭାପତି ଭବାନୀ ପ୍ରସାଦ ଜ୍ୟୋତିଷରାୟ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ରୁଦ୍ରମୋହନ ହୋତା ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଆଠମଲ୍ଲିକ ଖଣ୍ଡ କାର୍ଯ୍ୟବାହ ପୂର୍ଣ୍ଣଚନ୍ଦ୍ର ଦେହୁରୀଙ୍କ ସମେତ କର୍ମକର୍ତ୍ତା ବିପିନ ମହାପାତ୍ର, ଧ୍ରୁବଚରଣ ବଡ଼ମାଳି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ। ସେହିପରି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ମାଧପୁର ମଣ୍ଡଳ ତରଫରୁ ଲୁଣହାଣ୍ଡି ଗ୍ରାମରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମାଧପୁର ଉଚ୍ଚବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଦେବରାଜ ନାୟକ, ମୁଖ୍ୟବକ୍ତା ଭାବେ ବିଶ୍ୱହିନ୍ଦୁ ପରିଷଦର ପ୍ରାନ୍ତୀୟ ମାର୍ଗଦର୍ଶକ ମଣ୍ଡଳ ସଦସ୍ୟ ସନ୍ଥ ଅଭୟାନନ୍ଦ ସରସ୍ୱତୀ ମହାରାଜ ଜୀ ଯୋଗଦେଇଥିଲେ। ମାଧପୁର ସରସତୀ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ନିଗମାନନ୍ଦ କଳତା ସଂଯୋଜନା କରିଥିଲେ। ସ୍ୱୟଂସେବକ ଆକାଶ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୂର୍ଣ୍ଣ ଦେହୁରୀ, ଅଂଶୁମାନ ଦେହୁରୀ ପରିଚାଳନା କରିଥିଲେ। ବହୁ ସଂଖ୍ୟକ ସ୍ୱୟଂସେବକ ଉପସ୍ଥିତ ଥିଲେ।




# ଋଣର ସଦୁପଯୋଗ ଉପରେ ଗୁରୁତ୍ୱ



ଛେଣ୍ଡିପଦା ସେବା ସମବାୟ ସମିତି କର୍ମଶାଳାରେ ଉପସ୍ଥିତ ଅତିଥିମାନେ।


ଆଠମଲ୍ଲିକ ବ୍ଲକ କନ୍ଧପଡ଼ା ସେବା ସମବାୟ ସମିତି ତରଫରୁ ଋଣ ପ୍ରଦାନ କରାଯାଉଛି।

ଛେଣ୍ଡିପଦା/ ମାଧପୁର,୨୨।୩(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ରାମଚନ୍ଦ୍ରପୁର ସେବାସମବାୟ ସମିତିରେ ଗୁରୁବାର ବ୍ୟାଙ୍କ ସେବା ଓ ଋଣ ସମ୍ବନ୍ଧୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତି ସଭାପତି ରକେଶ କୁମାର ନାଥଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ଶାଖା ପରିଚାଳକ ବସନ୍ତ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ଟାଙ୍ଗିର ସରପଞ୍ଚ ଅମରେଶ ନାଥ, ସମ୍ମାନିତ ଅତିଥି ଭାବେ ପାଟକମୁଣ୍ଡା ସରପଞ୍ଚ ସୁପ୍ରଭା ବିଶ୍ୱାଳ, ସମିତି ସଭ୍ୟା ସୁନୀତା ସାହୁ, ଟାଙ୍ଗିର ସମିତିସଭ୍ୟ ମହେଶ୍ୱର ମାଝି ଓ ସମିତି ଉପସଭାପତି କ୍ଷୀର ପ୍ରଧାନ ଏବଂ ସମବାୟ ସମିତି ସମ୍ପାଦକ କାହ୍ନୁ ଚରଣ ସାହୁ ପ୍ରମୁଖ ଯୋଗଦେଇ ଚାଷୀମାନେ ବ୍ୟାଙ୍କରୁ ନେଉଥିବା ଋଣର କିପରି ସଦ୍‌ଉପଯୋଗ କରିବେ ସେ ନେଇ ଅତିଥିମାନେ ପରାମର୍ଶ ଦେଇଥିଲେ। ଚାଷୀମାନଙ୍କ ଉନ୍ନତି ନିମନ୍ତେ ୧ ଲକ୍ଷ ଟଙ୍କା ବିନା ସୁଧରେ ଏବଂ ୧ରୁ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୨ ପ୍ରତିଶତ ସୁଧରେ ଋଣ ଯୋଗାଇ ଦିଆଯାଉଛି ବୋଲି ପ୍ରକାଶ କରିଥିଲେ। ସମବାୟ ସମିତି ସମ୍ପାଦକ ଯୋଗେଶ୍ୱର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କର୍ମଶାଳାରେ ସମିତିର ସମସ୍ତ ନିର୍ଦ୍ଦେଶକ, ମହିଳା ଗୋଷ୍ଠୀ ଓ ଚାଷୀ ଯୋଗ ଦେଇଥିଲେ। ସେହିପରି ଆଠମଲ୍ଲିକ ବ୍ଲକ କନ୍ଧପଡ଼ା ସେବା ସମବାୟ ସମିତି ତରଫରୁ କାର୍ଯ୍ୟାଳୟ ପରିସରରେ ଏକ ଋଣ ମେଳା ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ପ୍ରକାଶ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ସଭାପତି ସନ୍ତୋଷ ଧଳ ଉପସ୍ଥିତ ଥିଲେ। ସମିତି ସମ୍ପାଦକ ବିନୋଦ ମହାଖୁଡ ଉପସ୍ଥିତ ରହି କିଶାନ କ୍ରେଡିଟ କାର୍ଡର ଉପାଦେୟତା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ୫ ଜଣ ଚାଷୀଙ୍କୁ ସମିତି ତରଫରୁ ଋଣ ପ୍ରଦାନ କରାଯାଇଥିଲା। ସମିତି କର୍ମଚାରୀ ଆଲୋକ ଭୋକ୍ତାଙ୍କ ସହିତ ସମସ୍ତ ନିର୍ଦ୍ଦେଶକ ଏବଂ ବହୁଚାଷୀ ଉପସ୍ଥିତ ଥିଲେ।

### ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ

ଅନୁଗୋଳ ଅଫିସ, ୨୨।୩

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଝାଡ଼ଖଣ୍ଡ ଲତେହାର ଥାନା ଲାବରପୁର ଗ୍ରାମର ଅରବିନ୍ଦ ଓରାନ୍(୨୭)। ଅନୁଗୋଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ଦେଇଛି। ପୋଲିସ କହିଛି, ଢେଙ୍କାନାଳ ଜିଲା ବାଲମି ଥାନା ପାଟଲା ଗ୍ରାମରେ ୧୧ କେଭି ବିଦ୍ୟୁତ୍ କାର୍ଯ୍ୟ ଚାଲିଥିଲା। ଏହି ସମୟରେ ସମ୍ପୃକ୍ତ ଶ୍ରମିକଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। କାର୍ଯ୍ୟ କରୁଥିବା ଅନ୍ୟ କର୍ମଚାରୀମାନେ ଅରବିନ୍ଦଙ୍କୁ ପ୍ରଥମେ ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବରୁ ଡାକ୍ତର ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଅନୁଗୋଳରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଅବକାରୀ ଚଢ଼ାଉ, ୬ ଗିରଫ

ବଇଣ୍ଡା, ୨୨।୩ (ଡି.ଏନ.ଏ.)

କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଶୁକ୍ରବାର ବଇଣ୍ଡା ଓ ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୧୬୮ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରାଯିବା ସହ ୬ ଜଣଙ୍କୁ ଗିରଫ କରାଯାଇଛି। ବଇସିଣା ଗ୍ରାମରେ ଚଢ଼ାଉ କରାଯାଇ ବିଜୟ ବେହେରାଙ୍କ ଘରୁ ୧୦ ଲିଟର ମହୁଲି ମଦ ଜବତ ସହ ତାଙ୍କୁ ଗିରଫ କରାଯାଇଛି। ସେହିପରି ରାଣୀଭୁଇଁ ଗ୍ରାମରେ ଚଢ଼ାଉ କରାଯାଇ ଭାରତୀ ପ୍ରଧାନଙ୍କ ଘରୁ ୧୮ ଲିଟର, କଣ୍ଡାଳ ଗ୍ରାମର ସରୋଜ ପ୍ରଧାନଙ୍କ ଘରୁ ୪୦ ଲିଟର, ବାବୁଲା ପ୍ରଧାନଙ୍କ ଘରୁ ୪୦ ଲିଟର, ଗଦେଇମୁଣ୍ଡା ଗ୍ରାମର ଜୟନ୍ତୀ ଦେହୁରୀଙ୍କ ଘରୁ ୨୦ ଲିଟର, ଧଉରାଗୋଠ ଗ୍ରାମର ପ୍ରହଲାଦ ମାଝିଙ୍କ ଘରୁ ୪୦ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରାଯିବା ସହ ସେମାନଙ୍କୁ ଗିରଫ କରାଯାଇଛି। ଏହି ଚଢ଼ାଉରେ ଆଠମଲ୍ଲିକ ଅବକାରୀ ଉପନିରୀକ୍ଷକ ଧରଣୀଧର ପ୍ରହରାଜ, ବଇଣ୍ଡା ଅବକାରୀ ଅଧିକାରୀ ରଞ୍ଜିତା ହରିଚନ୍ଦନ, ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।


ଗିରଫ ଅଭିଯୁକ୍ତମାନେ।

### ପରୀକ୍ଷା ଦେଇ ଛାତ୍ରୀ ନିଖୋଜ

ଅନୁଗୋଳ ଅଫିସ,୨୨।୩

ଅନୁଗୋଳ ଜିଲା ବନ୍ତଲା ଥାନା ଅଞ୍ଚଳର ଜଣେ ମାଟ୍ରିକ୍ ଛାତ୍ରୀ ନିଖୋଜ ଅଛନ୍ତି। ପରୀକ୍ଷା ପରଠାରୁ ସେ ଆଉ ଘରକୁ ଫେରିନାହାନ୍ତି। ଫଳରେ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ନିରାଶ ହେବାରୁ ବନ୍ତଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ପକ୍ଷରୁ ନଂ. ୧୩୩/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଛି। ପୋଲିସ କହିଛି, ନାବାଳିକା ଜଣଙ୍କ ଏକ ପରୀକ୍ଷା କେନ୍ଦ୍ରକୁ ଗତ ସୋମବାର ପରୀକ୍ଷା ଦେବାକୁ ଯାଇଥିଲେ। ତେବେ ପରୀକ୍ଷା ପରଠାରୁ ସେ ନିଖୋଜ ରହିଥିବା ପରିବାର ଲୋକେ ଅଭିଯୋଗରେ ଦର୍ଶାଇଛନ୍ତି।

### ମୋଟରସାଇକେଲ ଚୋରି

ଛେଣ୍ଡିପଦା,୨୨।୩(ସ୍ୱ.ପ୍ର.)

ଜରପଡା ଥାନା ମରାଗିରା ହାଟରୁ ଏକ ବାଇକ୍ ଚୋରି ନେଇ ଥାନାରେ ଅଭିଯୋଗ ହୋଇଛି। ସଦର ଥାନା ସୁରବ ଗ୍ରାମର ରାକେଶ ନାଏକ ଓ ଗୌରବ ନାଏକ ବାଇକରେ ହାଟକୁ ପରିବା କିଣିବାକୁ ଆସିଥିବା ବେଳେ ଏହି ଘଟଣା ଘଟିଥିଲା। ପୋଲିସ ନଂ. ୯୦/୨୩ରେ ମାମଲା ରୁଜୁ କରିଛି।

# ରାଷ୍ଟ୍ରୀୟ ନବବର୍ଷ ଉପଲକ୍ଷେ ଧର୍ମସଭା

ଅନୁଗୋଳ ଅଫିସ,୨୨।୩

ରାଷ୍ଟ୍ରୀୟ ନବବର୍ଷ ପାଳନ ସମିତି ପକ୍ଷରୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରାଷ୍ଟ୍ରୀୟ ନବବର୍ଷ ମହୋତ୍ସବ ପାଳିତ ହୋଇଯାଇଛି। ସନ୍ଧ୍ୟାରେ ଏକ ଧର୍ମ ସଭାର ଆୟୋଜନ କରାଯାଇଥିଲା। ରାଷ୍ଟ୍ରୀୟ ନବବର୍ଷ ପାଳନ ସମିତି ସଭାପତି ହେମନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ପୁରୀ ଗୋବର୍ଦ୍ଧନ ପୀଠ ସନାତନ ସନ୍ଥ ସମିତ ସଂଯୋଜକ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ ମହାରାଜ ଯୋଗ ଦେଇଥିବା ବେଳେ ଭୁବନେଶ୍ୱର ଏକାମ୍ର ମହାବିଦ୍ୟାଳୟର ପ୍ରାକ୍ତନ ପ୍ରଧ୍ୟାପକ ଡ. ଗୋପାଳ ପ୍ରସାଦ ମହାପାତ୍ର ମୁଖ୍ୟବକ୍ତା ଓ ପୁରୀ ଗୋବର୍ଦ୍ଧନ ପୀଠର ରାଷ୍ଟ୍ରୀୟ ମାର୍ଗଦର୍ଶକ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାରକ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀ, ପତଞ୍ଜଳି ଯୋଗ ସମିତି, ବ୍ରହ୍ମାକୁମାରୀ ପ୍ରଜାପିତା ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, ଗାୟତ୍ରୀ ପରିବାର, ସତ୍ୟ ସାଇ ସେବା ସଙ୍ଗଠନ, ଭାରତ ସ୍ୱାଭିମାନ ନ୍ୟାସ, ଦିବ୍ୟ ଜୀବନ ସଂଘ ସହିତ ବହୁ ଆଧାତ୍ମିକ ଓ ସାମାଜିକ ଅନୁଷ୍ଠାନର ସଦସ୍ୟମାନେ ଯୋଗ ଦେଇଥିଲେ। ସମିତି ସଂଯୋଜକ ପଣ୍ଡିତ ରୋହିତ ଦାଶ ସଭା ପରିଚାଳନା କରିଥିବା ବେଳେ ସମ୍ପାଦକ ଦ୍ୱାରିକା ପ୍ରସାଦ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।



### ବିକୃତ ଛେଳି ଛୁଆ ଦେଖିବାକୁ ଭିଡ଼

ଅନୁଗୋଳ ଅଫିସ,୨୨।୩

ଅନୁଗୋଳ ବ୍ଲକ ଟାଇଁସି ଗାଁ କମାର ସାହିର ନାଣ୍ଟୁ ପେଣ୍ଟେଇଙ୍କ ଏକ ଛେଳି ବିକୃତ ଛୁଆ ଜନ୍ମ ଦେଇଥିବାରୁ ତାହାକୁ ଦେଖିବାକୁ ଲୋକଙ୍କ ଗହଳି ହୋଇଥିଲା। ଉକ୍ତ ଛେଳି ଛୁଆର ୨ଟି ଗୋଡ଼ ବଡ଼ ଓ ୨ଟି ଛୋଟ ହୋଇଥିବା ବେଳେ ମୁଣ୍ଡ ମଣିଷଙ୍କ ଭଳି ଦିଶୁଥିଲା। ଉକ୍ତ ଛୁଆଟି ଜନ୍ମର କିଛି ସମୟ ପରେ ମରିଯାଇଥିଲା। ଏ ନେଇ ପ୍ରାଣୀଧନ ଅଧିକାରୀ କେଶବ ପ୍ରଧାନ କହିଛନ୍ତି, ଏହା ବିରଳ କଞ୍ଜେନିଟାଲ ତ୍ରୁଟି। ଏହି ସମସ୍ୟା ଥିଲେ ବିକୃତ ଛୁଆ ଜନ୍ମ ନେଇଥାନ୍ତି।

### ତୀର୍ଥ ସାରି ଫେରିଲେ ବରିଷ୍ଠ ନାଗରିକ

ଅନୁଗୋଳ ଅଫିସ,୨୨।୩

ଅନୁଗୋଳ ଜିଲାରୁ ବରିଷ୍ଠ ନାଗରିକମାନେ ତୀର୍ଥଯାତ୍ରା ଯୋଜନାରେ ମହାରାଷ୍ଟ୍ର ଯାଇ ଗତ ସୋମବାର ଘର ବାହୁଡ଼ା ହୋଇଛନ୍ତି। ଗତ ୧୫ ତାରିଖରେ ଅନୁଗୋଳରୁ ବାହାରିଥିବା ତୀର୍ଥଯାତ୍ରୀମାନେ ପ୍ରଥମେ ଅନୁଗୋଳରୁ ସମ୍ବଲପୁର ଅଭିମୁଖେ ଯାଇଥିଲେ। ଏହାପରେ ସେମାନେ ଶିରିଡି ଅଭିମୁଖେ ଯାତ୍ରା କରିଥିଲେ।

# ଭୂତଳ ଜଳ ସଂରକ୍ଷଣକୁ ଗୁରୁତ୍ୱ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଆଠମଲ୍ଲିକ, ୨୨।୩ (ଡି.ଏନ.ଏ.)

ଆଠମଲ୍ଲିକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ନିକଟସ୍ଥ ସଭାଗୃହରେ ବିଶ୍ୱ ଜଳ ଦିବସ ଉପଲକ୍ଷେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନ ଫର ଇକୋଲୋଜିକାଲ ସିକ୍ୟୁରିଟି ଅନୁଗୋଳ ଓ ଉପଖଣ୍ଡ ପ୍ରଶାସନ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ତରଣୀ ସୁନା ଯୋଗଦେଇ ଭୂତଳ ଓ ଭୂପୃଷ୍ଠ ଜଳର ସଂରକ୍ଷଣକୁ ସମସ୍ତେ ଗୁରୁତ୍ୱ ଦେବା ସହିତ ଗ୍ରାମାଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଉକ୍ତ ବୈଠକରେ ଏବିଡିଓ ଜ୍ୟୋତିରଞ୍ଜନ ପ୍ରଧାନ, ତହସିଲଦାର ଯଶୋବନ୍ତ ଦେହୁରୀ, ପ୍ରାଧ୍ୟାପକ ନନ୍ଦ କିଶୋର ମହାକୁଡ଼, କୃଷକ ନେତା ଦେବେନ୍ଦ୍ର ପ୍ରଧାନ, ଇକୋଲୋଜିକାଲ ସିକ୍ୟୁରିଟିର ଜିଲା ମୁଖ୍ୟ ପରିଚାଳକ ଦ୍ରୋଣ ଚନ୍ଦ୍ରକାର, କ୍ଷେତ୍ର ପରିଚାଳକ ମାୟାଧର ମିଶ୍ର, ଓଏଲଏମ କ୍ଷଣପ୍ରଭା ତ୍ରିପାଠୀ ପ୍ରମୁଖ ଯୋଗଦେଇ ବିଶ୍ୱ ଜଳ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ନିରଞ୍ଜନ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# ଦିଶାହୀନ 'ଯାଯାବର'

- ପୂରଣ ହେଉନାହିଁ ଉଦ୍ଦେଶ୍ୟ
- ଭୂତକୋଠି ପାଲଟିଗଲାଣି
- ଏସ୍‌ଏଚ୍‌ଜିକୁ ହସ୍ତାନ୍ତର ନିଷ୍ପତ୍ତି

**କ୍ଳାନ୍ତ ପର୍ଯ୍ୟଟକ ଥକ୍କା ମେଣ୍ଟାଇବେ। ସ୍ୱଳ୍ପ ସମୟ ବିଶ୍ରାମ ନେଇ ଗନ୍ତବ୍ୟ ସ୍ଥଳ ଅଭିମୁଖେ ଯାତ୍ରା କରିବେ। ଆଗନ୍ତୁକଙ୍କୁ ଉଚ୍ଚକୋଟୀର ଆତିଥେୟତା ପ୍ରଦାନ କରାଯିବା ରହଣିଠାରୁ ଆରମ୍ଭ କରି ସେମାନଙ୍କ ଖାଦ୍ୟପେୟ ସହ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଯୋଗାଇ ଦିଆଯିବ। ଏଭଳି ମହତ୍ ଉଦ୍ଦେଶ୍ୟ ନେଇ ଆରମ୍ଭ କରାଯାଇଥିଲା 'ଯାଯାବର' ପ୍ରକଳ୍ପ। ହେଲେ ପର୍ଯ୍ୟଟନ ବିଭାଗର ଆନ୍ତରିକତା ଅଭାବରୁ ଏହା ଦିଶାହୀନ ହୋଇଯାଇଛି। ବହୁ କୋଟି ଟଙ୍କା ବ୍ୟୟରେ ନିର୍ମିତ କୋଠା ପର୍ଯ୍ୟଟକଙ୍କୁ ଦିନଟିଏ ଯୋଗାଇ ପାରିନାହିଁ ସେବା। ବ୍ୟବହାରରେ ଆସୁ ନ ଥିବାରୁ ଏହାର ପରିସର ଲଟାବୁଦାରେ ପରିପୂର୍ଣ୍ଣ ହୋଇ ଅସାମାଜିକଙ୍କ ଆଡ୍ଡା ପାଲଟିଛି।**




ତୋଟାପଡ଼ା ଏବଂ ଗୋବିନ୍ଦପୁରରେ ପରିତ୍ୟକ୍ତ ଅବସ୍ଥାରେ ଥିବା 'ଯାଯାବର' ପ୍ରକଳ୍ପ।

**ଢେଙ୍କାନାଳ ଅଫିସ, ୨୨।୩**

କଟକ ଜିଲା ମଙ୍ଗୁଳିରୁ ଢେଙ୍କାନାଳକୁ ସଂଯୋଗ କରୁଥିବା ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ପର୍ଯ୍ୟଟକଙ୍କୁ ଉତ୍ତମ ସେବା ଯୋଗାଇ ଦେବାକୁ ନିର୍ମିତ ହୋଇଥିବା 'ଯାଯାବର' ଏବଂ 'ପାନ୍ଥିକା' କାମରେ ଆସୁନାହିଁ। ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଏହି ଅତ୍ୟାଧୁନିକ ପାନ୍ଥନିବାସ ରକ୍ଷଣାବେକ୍ଷଣ ଅଭାବରୁ ଭୂତକୋଠିରେ ପରିଣତ ହୋଇଛି। ପର୍ଯ୍ୟଟନ ବିଭାଗ କେବଳ କୋଠା ନିର୍ମାଣ କରିଦେଇ ଚୁପ୍ ବସିଯାଇଥିବାବେଳେ 'ଯାଯାବର' ପରିସର ଲଟାବୁଦାରେ ଭର୍ତ୍ତି ହୋଇ ଅସାମାଜିକଙ୍କ ଆଡ୍ଡା ପାଲଟିଛି।

କେନ୍ଦ୍ରୀୟ ଏବଂ ପଶ୍ଚିମ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଭ୍ରମଣ କରିବା ଲାଗି ଆସୁଥିବା ପର୍ଯ୍ୟଟକଙ୍କ ସୁବିଧା ଲାଗି ଢେଙ୍କାନାଳ-କଟକ ସୀମାନ୍ତ ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱର ତୋଟାପଡ଼ା, ଢେଙ୍କାନାଳ ଜିଲାର ଗୋବିନ୍ଦପୁରରେ ରହିଛି 'ଯାଯାବର'। ସେହିପରି ଢେଙ୍କାନାଳ-ଅନୁଗୋଳ ସୀମାନ୍ତ କଣ୍ଟାବଣିଆରେ ନିର୍ମିତ ହୋଇଛି 'ପାନ୍ଥିକା'। ହେଲେ ଲୋକାର୍ପଣ ହେବା ପରେ ଏହା ବ୍ୟବହାରରେ ଆସୁନାହିଁ। ରକ୍ଷଣାବେକ୍ଷଣ ଅଭାବରୁ ଏହା ଏବେ ପରିତ୍ୟକ୍ତ ହେବାକୁ ବସିଛି। ତେବେ ଦୀର୍ଘଦିନ ପରେ ଏହାକୁ ନେଇ ତତ୍ପରତା ଦେଖାଇଛି ପର୍ଯ୍ୟଟନ ବିଭାଗ। ମିଶନ ଶକ୍ତି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ଏହାର ପରିଚାଳନା ଦାୟିତ୍ୱ ପ୍ରଦାନ କରିବାକୁ ମଙ୍ଗଳବାର ନିଷ୍ପତ୍ତି ହୋଇଛି।

ସୂଚନାଯୋଗ୍ୟ, ୨୦୧୮-୧୯ରେ ତୋଟାପଡ଼ା ଏବଂ ଗୋବିନ୍ଦପୁରଠାରେ ଆରମ୍ଭ ହୋଇଥିଲା 'ଯାଯାବର' ପ୍ରକଳ୍ପ। ଏଥିରେ ପ୍ରାୟ ୧ କୋଟି ୮୫ ଲକ୍ଷ ଟଙ୍କା ଲେଖାଏ ଖର୍ଚ୍ଚ ହୋଇଥିବାବେଳେ ୨୦୨୦ରୁ ଉକ୍ତ ଦୁଇ କୋଠା ପର୍ଯ୍ୟଟକଙ୍କ ଅପେକ୍ଷାରେ ରହିଛି। ସେହିପରି ୧୯୯୬ରେ କଣ୍ଟାବଣିଆ ଅଞ୍ଚଳରେ ପର୍ଯ୍ୟଟନ ବିଭାଗ ପକ୍ଷରୁ କୋଟିଏ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିଲା 'ପାନ୍ଥିକା'। ଶିଳ୍ପାଞ୍ଚଳରେ ନିର୍ମିତ ଏହି ପ୍ରକଳ୍ପ ବାହାର ରାଜ୍ୟରୁ ଆସୁଥିବା ଶ୍ରମିକଙ୍କ ରହଣିସ୍ଥଳ ପାଲଟିଥିଲା। ତେବେ ଏଠାରେ ଘଟିଥିବା ଏକ ହତ୍ୟାକାଣ୍ଡ ପରେ ପର୍ଯ୍ୟଟକ, ଶ୍ରମିକମାନେ ଏଠାରୁ ମୁହଁ ଫେରାଇନେଲେ। ଦୀର୍ଘଦିନ ଧରି ଏହା ଆଉ ବ୍ୟବହାରରେ ନ ଆସି ପରିତ୍ୟକ୍ତ ହୋଇ ପଡ଼ିଛି। ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ଏହାକୁ କିପରି କାର୍ଯ୍ୟକ୍ଷମ କରି ରାଜସ୍ୱ ଆଦାୟର ମାଧ୍ୟମ କରାଯାଇପାରିବ ସେ ଦିଗରେ କେହି ଆନ୍ତରିକତା ଦେଖାଉ ନ ଥିଲେ। ଏହାକୁ ନେଇ ଅସନ୍ତୋଷ ତୀବ୍ର ହେବା ପରେ ଅବହେଳିତ 'ଯାଯାବର ଏବଂ 'ପାନ୍ଥିକା' ପ୍ରତି ସରକାରଙ୍କ ଦୃଷ୍ଟି ପଡ଼ିଛି।

ଏ ସଂକ୍ରାନ୍ତରେ ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ କୁହନ୍ତି, ଉକ୍ତ ୩ପ୍ରକଳ୍ପକୁ ମିଶନ ଶକ୍ତି ଏବଂ ଏସ୍‌ଏଚ୍‌ଜିକୁ ହସ୍ତାନ୍ତର କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଜିଲା ମିଶନ ଶକ୍ତି ପ୍ରକଳ୍ପ ଅଧିକାରୀ ମୋନାଲିସା ଭଞ୍ଜ କୁହନ୍ତି, ଏସ୍‌ଏଚ୍‌ଜିକୁ 'ଯାଯାବର' ପରିଚାଳନା ଦାୟିତ୍ୱ ଦେବା ପାଇଁ ସରକାରଙ୍କ ପକ୍ଷରୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ତେବେ ଏହାକୁ କିଭଳି ଭାବେ ବ୍ୟବହାର କରାଯାଇପାରିବ, ତାହା ଆଲୋଚନା ପରେ ଜଣାପଡ଼ିବ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



ସ୍ନେହଲତା ନାୟକ।

**ବଇଣ୍ଡା, ୨୨।୩(ଡି.ଏନ୍.ଏ.):** କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳର ଧର୍ମପ୍ରାଣା ମହିଳା ସ୍ନେହଲତା ନାୟକଙ୍କ (୭୫) ମଙ୍ଗଳବାର ଅନୁଗୋଳ ମେଡିକାଲରେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ଦେହାନ୍ତ ସୂଚନା ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସ୍ନେହଲତାଙ୍କ ପରଲୋକରେ ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ, ସାମାଜିକ କର୍ମୀ ରଣଜିତ୍ ପଟ୍ଟନାୟକ, ଭାଜପା ନେତା ପ୍ରବୀଣ ସାହୁ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ବୈଠକ



ବୈଠକରେ ଶିକ୍ଷକ ସଂଘର ସଦସ୍ୟମାନେ।

**ମାଧପୁର,୨୨।୩**

ଆଠମଲ୍ଲିକ ବ୍ଲକ ମାଧପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଠମଲ୍ଲିକ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ଆଠମଲ୍ଲିକ ଆନୁକୂଲ୍ୟରେ ମାଧପୁର ମଣ୍ଡଳର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ଏକ ମଣ୍ଡଳସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ତରୁଣ କୁମାର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ସଙ୍ଗଠନକୁ ସୁଦୃଢ କରିବା ପାଇଁ ମାଧପୁର ମଣ୍ଡଳସ୍ତରୀୟ କମିଟି ଗଠନ କରାଯାଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ରଞ୍ଜିତ ପ୍ରଧାନ, ସମ୍ପାଦକ ଭାବେ ଶ୍ରୀନିବାସ ପ୍ରଧାନ, ଉପସଭାପତି ଭାବେ ସୁନୀଲ ପ୍ରଧାନ, ଦୀପକ ପାଣ୍ଡେ, କୋଷାଧ୍ୟକ୍ଷ ଭାବେ ତୁଳସୀ ହାଁସଦା ଏବଂ ସହସମ୍ପାଦକ ଭାବେ ହେମନ୍ତ ବେହେରାଙ୍କୁ ମନୋନୀତ କରାଯାଇଥିଲା। ଦିଲୀପ ସାହୁ, ସଦାଶିବ ଦଳବେହେରା, ବିକ୍ରମ ରଣଭୁଇଁସା, ରଞ୍ଜିତ ପ୍ରଧାନ, ରମେଶ ଚନ୍ଦ୍ର ସେଠୀ, ସୁନୀଲ ପଣ୍ଡା, ସୁଦର୍ଶନ ସ୍ୱାଇଁ, ରୁଦ୍ରନାରାୟଣ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ୨୧ ଚାଷୀଙ୍କୁ କୃଷିଋଣ ପ୍ରଦାନ

**କଣିହାଁ,୨୨।୩(ଡି.ଏନ.ଏ.)**

କଣିହାଁ ବ୍ଲକ ନାଲମ ସେବା ସମବାୟ ସମିତି ତରଫରୁ ବୁଧବାର କୃଷି ଋଣ ପ୍ରଦାନ ସହିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅନୁଗୋଳ ସଂଯୁକ୍ତ ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, କଣିହାଁ ବ୍ୟାଙ୍କ ଅଧିକାରୀ କରୁଣାକର ପ୍ରଧାନ, ନାଲମ ସେବା ସମବାୟ ସମିତି ସଭାପତି ଜୟନ୍ତ କୁମାର ପ୍ରଧାନ, ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ମହେନ୍ଦ୍ର କୁମାର ସାମଲ, ଏଜିଏମ୍ ସୁଜିତ୍ କୁମାର ନନ୍ଦ, ଦଳକ ପଞ୍ଚାୟତ ସମିତି ସଭ୍ୟ ଦୀପକ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। କୃଷି ଋଣ ପ୍ରଦାନ ଲକ୍ଷ୍ୟ, ଏହାର ଉପକାରିତା ଓ ଋଣ ନେବା ଓ ସୁଝିବା ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ।



ଜଣେ ଚାଷୀଙ୍କୁ ଋଣ ଚେକ୍ ପ୍ରଦାନ କରାଯାଉଛି।

ଏହି ଅବସରରେ ୨୧ ଜଣ ଚାଷୀଙ୍କୁ ୨୧ ହଜାର ଟଙ୍କା ଲେଖାଏ କୃଷି ଋଣ ପ୍ରଦାନ ସହିତ ଜେଏଲ୍‌ଜି ପରିସରଭୁକ୍ତ ୫ ଚାଷୀଙ୍କୁ ଏକ ଲକ୍ଷ ଟଙ୍କାର ଋଣ ଚେକ୍ ପ୍ରଦାନ କରାଯାଇଥିଲା। ଏଥିରେ ୫୮ ଜଣ ନୂତନ ଚାଷୀ ପଞ୍ଜୀକୃତ ହୋଇଥିବାବେଳେ ଚାଷୀଙ୍କ ସମେତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ସାମିଲ ହୋଇଥିଲେ। ସାମାଜିକ କର୍ମୀ ଜିତେନ୍ଦ୍ର ବିଶ୍ୱାଳ, ନାଲମ ସେବା ସମବାୟ ସମିତି ସମ୍ପାଦକ ସୁବାସଚନ୍ଦ୍ର ମହାପାତ୍ର ସହଯୋଗ କରିଥିଲେ।

## ବ୍ୟାଙ୍କ ଋଣ କର୍ମଶାଳା

**ଢେଙ୍କାନାଳ ଅଫିସ, ୨୨।୩**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଲାଉଲଇ ସେବା ସମବାୟ ସମିତିରେ ବୁଧବାର ଅପରାହ୍ନରେ ସମିତିସ୍ତରୀୟ ବ୍ୟାଙ୍କିଙ୍ଗ୍ ସେବା ଓ ଋଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ସମବାୟ ବିଭାଗ ଉପନିବନ୍ଧକ ସରୋଜିନୀ ଜେନା ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ପ୍ରତାପ ଚନ୍ଦ୍ର ମଲ୍ଲିକ, ଢେଙ୍କାନାଳ ଏସ୍‌ଆର୍‌ସିସି ନିରଞ୍ଜନ ସେଠ, ଗଁଦିଆ ସମବାୟ ବ୍ୟାଙ୍କର ପ୍ରଫୁଲ୍ଲ ସାହୁ, ଲାଉଲଇ ସମବାୟ ସମିତି ସଭାପତି ନଟବର ଦାସ ପ୍ରମୁଖ ଯୋଗଦେଇଥିଲେ। ସମବାୟ ସମିତିରେ ଉପଲବ୍ଧ ବିଭିନ୍ନ ସୁବିଧା ସୁଯୋଗ, ମହିଳା ସଶକ୍ତୀକରଣରେ ବ୍ୟାଙ୍କ ସେବାର ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଲାଉଲଇ ସରପଞ୍ଚ ବିଜୟାଲକ୍ଷ୍ମୀ ରାଉଳ, ସମିତିସଭ୍ୟା ମୋନାଲିସା ସାହୁ, ଖଙ୍କିରା ସରପଞ୍ଚ ରଞ୍ଜୁଲତା ଦାସ, ସମିତିସଭ୍ୟା ଅଞ୍ଜନା ନାୟକ, ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ବାରିକ, ସମାଜିକ କର୍ମୀ ଗଙ୍ଗାଧର ରାଉତ, ଶରତ ଚନ୍ଦ୍ର ପୃଷ୍ଟି, ସମିତି ସମ୍ପାଦକ ପ୍ରକାଶ ପରଡ଼ାଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନେ।

## ନାଇଟ୍ କ୍ରିକେଟ: ସାନହୁଲା ଚାମ୍ପିୟନ

**ବଇଣ୍ଡା,୨୨।୩(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ନିକଟ ସ୍ୱପ୍ନେଶ୍ୱର ଖେଳପଡ଼ିଆରେ ଚାଲିଥିବା ନାଇଟ୍ କ୍ରିକେଟ୍ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କଞ୍ଚୁରା କ୍ରିକେଟ କ୍ଲବକୁ ହରାଇ ସାନହୁଲା କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ସାନହୁଲା ପ୍ରଥମେ ବ୍ୟାଟିଂ କରି ୬୫ ରନ୍ ସଂଗ୍ରହ କରିଥିଲା। ଜବାବରେ କଞ୍ଚୁରା ଦଳ ମାତ୍ର ୬୦ ରନ୍ କରିବାକୁ ସକ୍ଷମ ହୋଇଥିଲା। ଚାମ୍ପିୟନ ଦଳର ଲିଙ୍କୁ ସାହୁ ଉଭୟ 'ମ୍ୟାନ ଅଫ ଦି ମ୍ୟାଚ୍' ଏବଂ 'ମ୍ୟାନ୍ ଅଫ୍ ଦି ସିରିଜ୍' ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ଜିଲା ପରିଷଦ ସଭାପତି ବବିତା ପ୍ରଧାନ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସୈରେନ୍ଦ୍ରୀ ପ୍ରଧାନ, ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ, ବିଜେଡି ନେତା ସନ୍ତୋଷ ପ୍ରଧାନ, ଯୁବ ବିଜେଡି ବ୍ଲକ ସଭାପତି ଅରୁଣ ସାହୁ, ତପନ ସାହୁ, ଶିକ୍ଷକ ଉପେନ୍ଦ୍ର ପ୍ରଧାନ, କ୍ଷୀତିଜାରଞ୍ଜନ ଦେହୁରୀ, ମାନସ ରଞ୍ଜନ ସାହୁ ଯୋଗଦେଇଥିଲେ। ଦ୍ୱିତୀକୃଷ୍ଣ ବେହେରା, ଆଶିଷ ଅମାନ୍ତ, ସୌରଭ ମିଶ୍ର, ଶୁଭମ୍ ସେଠୀ, ଅଭିଷେକ ସାହୁ, ବିକି ସାହୁ, ହିମାଂଶୁ ସାହୁ, ମୁନା ସାହୁ, ରଜତ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଆୟୋଜକ କମିଟି ସଦସ୍ୟ।

## ପାଣିରେ ବୁଡ଼ି ବୃଦ୍ଧା ମୃତ

**ବଅଁରପାଳ,୨୨।୩(ଡି.ଏନ.ଏ.)**

ଅନୁଗୋଳ ଜିଲା ବଅଁରପାଳ ଥାନା ବଗଚର ଗ୍ରାମ ପୋଖରୀରେ ବୁଡି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ସେହି ଗ୍ରାମର ଚକ୍ରଧର ନାୟକଙ୍କ ସ୍ତ୍ରୀ ମହର୍ଗୀ ନାୟକ। ମହର୍ଗୀ ଗାଁ ପୋଖରୀକୁ ଶୌଚ ପାଇଁ ଯାଇଥିବାବେଳେ ଗଭୀର ପାଣିରେ ବୁଡି ଯାଇଥିଲେ। ତାଙ୍କ ଶରୀର ଭାସୁଥିବା ଦେଖି ସ୍ଥାନୀୟ ଲୋକେ ଦମକଳ ବାହିନୀକୁ ସୂଚନା ଦେଇଥିଲେ। ବଅଁରପାଳ ଦମକଳ ବାହିନୀ ପହଞ୍ଚି ବୃଦ୍ଧାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି।

## ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଆଲୋଚନାଚକ୍ର



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

**ବଅଁରପାଳ, ୨୨।୩(ଡି.ଏନ୍.ଏ.)**

ଅନୁଗୋଳ ଜିଲା ବଅଁରପାଳ ପିଏସ୍‌ଏସ୍‌ଜେ ଡିଗ୍ରୀ କଲେଜ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ବୁଧବାର 'ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କଥା ସାହିତ୍ୟ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଗୋକୁଳାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ କଲେଜ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ. ସୁରେଶ ଚନ୍ଦ୍ର ରାଜହଂସ, ମୁଖ୍ୟବକ୍ତା ଭାବେ ଓଡ଼ାପଡ଼ା ପଞ୍ଚାୟତ ସମିତି କଲେଜର ବିଭାଗୀୟ ମୁଖ୍ୟ ଗୁରୁଚରଣ ରାଉତରାୟ ଯୋଗଦେଇ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଓଡ଼ିଆ ସାହିତ୍ୟର କ୍ରମବିକାଶ, ଏ କ୍ଷେତ୍ରରେ ଓଡ଼ିଶାର ବରପୁତ୍ରଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ପିଏସ୍‌ଏସ୍‌ଜେ କଲେଜ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ପୂର୍ଣ୍ଣଚନ୍ଦ୍ର ଭୂତିଆଙ୍କ ଆବାହକତ୍ୱରେ ଅଧ୍ୟାପକ ମନୋଜ ବେହେରା, ପାର୍ଥବୀର ନାୟକ, ରାଜେଶ ଜେନା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଛାତ୍ରୀଛାତ୍ରମାନେ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଶେଷରେ ଅଧ୍ୟାପକ ବିଶ୍ୱଜିତ୍ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟାକୁ ଗୁରୁତ୍ୱ

**କଣିହାଁ, ୨୨।୩(ଡି.ଏନ୍.ଏ.)**

କଣିହାଁ ବ୍ଲକ ବଜ୍ରକୋଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ ଆରୋଗ୍ୟ ସମିତିର ଦ୍ୱିତୀୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପୂର୍ବ ବର୍ଷର ଖର୍ଚ୍ଚ ହିସାବ ଏବଂ ଚଳିତ ବର୍ଷ ପାଇଁ ଖର୍ଚ୍ଚ ଅଟକଳ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଡାକ୍ତରଖାନାରେ ଲାଗି ରହିଥିବା ସମସ୍ୟା ସମାଧାନକୁ ଗୁରୁତ୍ୱାରୋପ କରାଯାଇଥିଲା। ସୁରକ୍ଷା ପାଚେରି ନିର୍ମାଣ, ଆବଶ୍ୟକ ସଂଖ୍ୟକ ଷ୍ଟାଫ୍ ନର୍ସ ନିଯୁକ୍ତି, କର୍ମଚାରୀଙ୍କ ପାଇଁ କ୍ୱାର୍ଟର୍ସ ନିର୍ମାଣ, ସୌନ୍ଦର୍ଯ୍ୟକରଣ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଉପସଭାନେତ୍ରୀ ରଶ୍ମିତା ସେଠୀ, ସମ୍ମାନିତ ଅତିଥି ଭାବେ ବଜ୍ରକୋଟ ସରପଞ୍ଚ ପ୍ରଦୀପ ସାହୁ, ସମିତିସଭ୍ୟ ସୀମାଞ୍ଚଳ ପଣ୍ଡା, ଏସ୍‌ଏଚ୍‌ଜି ସଦସ୍ୟା ଫୁଲ ନାଏକ, କ୍ଷେତ୍ରବାସୀ ସାହୁ, ଅନନ୍ତ ସାହୁ, ବିପିଏମ ମୋନାଲିସା ପ୍ରଧାନ, ମେଡିକାଲ ଅଫିସର ରମ୍ୟରେଖା ସାମଲ, ସମ୍ପାଦକ ରାଜେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଜନପ୍ରତିନିଧି ଏବଂ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ।

## ଜୀବନ ସୁଖମୟ କରିବାକୁ ପରାମର୍ଶ




କଣିହାଁ ଶିଶୁ ମନ୍ଦିରରେ ଛାତ୍ରୀମାନଙ୍କ ସହ ଅତିଥି ପରିଚିତ ହେଉଛନ୍ତି (ବାମ)। ବଇଣ୍ଡା ଶିଶୁମନ୍ଦିରରେ ଅତିଥି ଏବଂ ଛାତ୍ରୀଛାତ୍ରମାନେ।

**କଣିହାଁ/ ବଇଣ୍ଡା,୨୨।୩(ଡି.ଏନ.ଏ.)**

କଣିହାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦୀପଶିଖା ପରିସରରେ ରାଷ୍ଟ୍ରୀୟ ନବବର୍ଷ ଉତ୍ସବର ଶୁଭାରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଏନ୍‌ଟିପିସି କଣିହାଁ ପ୍ରକଳ୍ପ ମହାପ୍ରବନ୍ଧକ ରାଜେନ୍ଦ୍ର ନାରାୟଣ ଦାସ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ କେନ୍ଦ୍ରୀୟ ସୁରକ୍ଷା ବଳ ଏନ୍‌ଟିପିସି ଡେପୁଟି କମାଣ୍ଡାଣ୍ଟ ବ୍ରିଜକିଶୋର ସିଂ ଯୋଗଦେଇ ଶିଶୁମାନଙ୍କୁ ଶୃଙ୍ଖଳା ଓ ସଂସ୍କାର ଦିଗରେ ଜୀବନ ସୁଖମୟ କରିବାକୁ ପରାମର୍ଶ ଦେଇଥିଲେ। ତନ୍ୱି ସଙ୍ଗମ ଉପସଭାପତି ସୁଜାତା ଦାସ ଯୋଗଦେଇ ଶିଶୁମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ବିଦ୍ୟାଳୟ ସଭାପତି ଧନେଶ୍ୱର ଜେନା ଉପସ୍ଥିତ ରହି ଶିଶୁମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟବକ୍ତା ଭାବେ ଲକ୍ଷ୍ମୀଧର ବିଶ୍ୱାଳ, ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ନବବର୍ଷର ବାସ୍ତବିକତା ସମ୍ପର୍କରେ ଆଲୋଚନା କରିଥିଲେ। ଶିଶୁମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ତ୍ରିପାଠୀ ସହଯୋଗ କରିଥିଲେ। ସେହିପରି ବଇଣ୍ଡା ଶିଶୁମନ୍ଦିରରେ ହିନ୍ଦୁ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ରନାଥ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଭାସ୍କର ସାହୁ ଯୋଗଦେଇ ହିନ୍ଦୁ ନବବର୍ଷର ମହତ୍ତ୍ୱ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷୟିତ୍ରୀ ଗୌରୀ ଶତପଥୀ, ବୁଲୁପ୍ରସାଦ ସାହୁ, ବିନିତା ପ୍ରଧାନ କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିବାବେଳେ ଜ୍ୟୋତ୍ସ୍ନାମୟୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ବୀରାଶାଳ ଚାମ୍ପିୟନ

**କାମାକ୍ଷାନଗର, ୨୨।୩(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଅନ୍ତର୍ଗତ ବୀରାଶାଳ ଖେଳପଡ଼ିଆରେ ଅନୁଷ୍ଠିତ ୮ମ ରମାକାନ୍ତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ କଁଅସରଗୋଡ଼ାକୁ ୮ ଉଇକେଟରେ ହରାଇ ବୀରାଶାଳା ଷ୍ଟାର ଇଲେଭେନ୍ ଟିମ୍ ଚାମ୍ପିୟନ ହୋଇଛି। ୧୫ ଓଭର ବିଶିଷ୍ଟ ମ୍ୟାଚ୍‌ରେ କଁଅସରଗୋଡ଼ା ପ୍ରଥମେ ବ୍ୟାଟିଂ କରି ମାତ୍ର ୭୮ ରନ୍ କରିବାକୁ ସକ୍ଷମ ହୋଇଥିଲା। ବୀରାଶାଳ ମାତ୍ର ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଚାମ୍ପିୟନ ଦଳର ବାପି 'ମ୍ୟାନ୍ ଅଫ ଦି ମ୍ୟାଚ', ଶ୍ରେଷ୍ଠ ବୋଲର ଏବଂ କୁନା 'ମ୍ୟାନ ଅଫ ଦି ଟୁର୍ନାମେଣ୍ଟ' ବିବେଚିତ ହୋଇଥିଲେ। ଶ୍ରେଷ୍ଠ ବ୍ୟାଟର ଭାବେ କଁଅସରଗୋଡା ଦଳର ବିଶ୍ୱଜିତ ଏବଂ ଟାଇଗରଙ୍କୁ ସମ୍ମାନିତ କରାଯାଇଥିଲା। ସାମାଜିକ କର୍ମୀ ରମେଶ ଚନ୍ଦ୍ର ମିଶ୍ର, ଯୁବ ବିଜେଡି ନେତା ଶୁଭ୍ରାଂଶୁ ଶେଖର ମିଶ୍ର, ବିପିଓ ଅମ୍ବିକା ସାହୁ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ଏବଂ ରନର୍ସଅପ୍ ଦଳକୁ ଟ୍ରଫି ସହ ୭ ହଜାର ଟଙ୍କା ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟକୁ ସଫଳ କରିଥିବାରୁ ଆୟୋଜକ ସଦସ୍ୟ ସୌମ୍ୟରଞ୍ଜନ ସମସ୍ତ ସହଯୋଗୀଙ୍କୁ ଧନ୍ୟବାଦ ଜଣାଇଥିଲେ।



ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

## ସଂକ୍ଷେପରେ

### ୪ରେ ମା'ମଙ୍ଗଳାଙ୍କ ବାର୍ଷିକ ଯାତ୍ରା

**ବଅଁରପାଳ, ୨୨।୩(ଡି.ଏନ୍.ଏ.):** ଅନୁଗୋଳ ଜିଲା ବଅଁରପାଳ ବ୍ଲକ କୁଲାଡ଼ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ବାର୍ଷିକ ଯାତ୍ରା ଆସନ୍ତା ୪ ତାରିଖରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ଯାତ୍ରା କମିଟି ସଭାପତି ପ୍ରକାଶ ବେହେରାଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ଚଳନ୍ତି ବିଗ୍ରହକୁ ଏକ ବିଶାଳ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯିବ। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ, ମନୋରଞ୍ଜନ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସରପଞ୍ଚ ଉଷାରାଣୀ ସ୍ୱାଇଁ, ଗୁରୁଚରଣ ସେଠ, ଟୁନା ଜେନା, ମାନସ ମହାପାତ୍ର, ବିଭୂତି ମହାପାତ୍ର, ବିମଲ ସେଠ, ନଗେନ ସାହୁ, ଜିତୁ ବେହେରା, ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଚଳିତବର୍ଷ ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ରୌପ୍ୟଜୟନ୍ତୀ ପାଳନ ହେଉଥିବାବେଳେ ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ବିପୁଳ ଉତ୍ସାହ ପରିଲକ୍ଷିତ ହୋଇଛି।

### ଚାଷୀଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ଆହ୍ୱାନ

**ଢେଙ୍କାନାଳ ଅଫିସ, ୨୨।୩:** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର କୃଷି ସମବାୟ ସମିତି ଆନୁକୂଲ୍ୟରେ ବୁଧବାର ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ସୁପରଭାଇଜର ସତ୍ୟବ୍ରତ ଦାସ, ଆଲୋକ ବେହେରା ଯୋଗଦେଇ ଚାଷୀଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ଆହ୍ୱାନ ଦେଇଥିଲେ। ଋଣଛାଡ଼, ବିନା ସୁଧରେ ଥିବା ଋଣ ଯୋଜନାର ସୁଯୋଗ ନେବାକୁ ନିବେଦନ କରିଥିଲେ। ସଭାପତି ଅଶୋକ କୁମାର ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ରାଜକିଶୋର ରାଉତ, ସମିତି ନିର୍ଦ୍ଦେଶକ ଶେଷଦେବ ପୃଷ୍ଟି, ଉପସଭାପତି ବନିତା ରାଉତ, ସରପଞ୍ଚ ଲଳିତା ସାହୁ, କାଣ୍ଡବିନ୍ଧା ଗ୍ରାମ ସଭାପତି ଜାନକୀ ଦଳବେହେରା, ସମିତିସଭ୍ୟ ରୋହିତ ରାଉତ, ଖୁଣ୍ଟଝରି ସମିତିସଭ୍ୟ ଭାସ୍କର ବେହେରା, ଇନ୍ଦିପୁର ସମିତି ସମ୍ପାଦକ ବ୍ରହ୍ମାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଇନ୍ଦିପୁର ଗ୍ରାମ ବିକାଶ ପରିଷଦ ସମ୍ପାଦକ ଶେଷଦେବ ସାହୁ ପରିଚାଳନା କରିଥିଲେ।

### ହିନ୍ଦୁ ରାଷ୍ଟ୍ରୀୟ ନବବର୍ଷ ପାଳିତ

**ଢେଙ୍କାନାଳ ଅଫିସ, ୨୨।୩:** ଢେଙ୍କାନାଳ ହାଉସିଂବୋର୍ଡ କଲୋନୀସ୍ଥିତ ସଂସ୍କୃତି ଭବନ ସଭାଗୃହରେ ଅଖିଳ ରାଷ୍ଟ୍ରୀୟ ସାହିତ୍ୟ ପରିଷଦ ଜିଲା ଶାଖା ତରଫରୁ ହିନ୍ଦୁ ରାଷ୍ଟ୍ରୀୟ ନବବର୍ଷ ସାହିତ୍ୟ ସମ୍ପର୍କିତ ଏକ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା କବି ନୀଳମଣି ମହାରଣାଙ୍କ ସଭାପତିତ୍ୱରେ ସଭାପତି ସାହିତ୍ୟିକ ଡ. ଦୁର୍ଗାମାଧବ ପୃଷ୍ଟି, ସମ୍ପାଦକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି ବାହାଦୁର ପାଟସାହାଣୀ, କାର୍ଯ୍ୟକାରୀ ସଭ୍ୟ ଡ. ପ୍ରମୋଦ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଚୈତ୍ର ଶୁକ୍ଳ ପ୍ରତିପଦାର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଡ. ପ୍ରମୋଦ ନାୟକଙ୍କୁ ନୂତନ ସଭ୍ୟ ଭାବେ ଗ୍ରହଣ କରାଯାଇଥିଲା।

# ଘର ଘର ବୁଲି ଭୋଟ ଭିକ୍ଷା

**ହିନ୍ଦୋଳ ଏନ୍ଏସି ନିର୍ବାଚନ**



ପ୍ରଚାରରେ ସାମିଲ ହୋଇଥିବା ବିଜେଡି କର୍ମୀ ଏବଂ ନେତୃବୃନ୍ଦ।



ଭାଜପା କର୍ମକର୍ତ୍ତାମାନେ ପ୍ରଚାର କରୁଛନ୍ତି।

**ଢେଙ୍କାନାଳ ଅଫିସ, ୨୨।୩**

ଢେଙ୍କାନାଳ ଜିଲାର ହିନ୍ଦୋଳ ଏନ୍ଏସି ନିର୍ବାଚନ ପାଖେଇ ଆସୁଥିବାବେଳେ ସବୁ ରାଜନୈତିକ ଦଳ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଭୋଟରଙ୍କ ନିକଟତର ହେବାକୁ ପ୍ରାର୍ଥୀମାନେ ଘର ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ଏହି ନିର୍ବାଚନ ସବୁ ଦଳ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବାରୁ ନିର୍ବାଚନୀ ବୈତରଣୀ ପାର ହେବାକୁ ସେମାନେ ସମସ୍ତ ଉଦ୍ୟମ ଆରମ୍ଭ କରିଦେଇଛନ୍ତି।

ବିଜେଡି ପକ୍ଷରୁ ଢେଙ୍କାନାଳ ବିଧାୟକ ତଥା ପର୍ଯ୍ୟବେକ୍ଷକ ସୁଧୀର କୁମାର ସାମଲ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କ ନେତୃତ୍ୱରେ ଦଳୀୟ ନଗରପାଳ ଏବଂ କାଉନ୍ସିଲର ପ୍ରାର୍ଥୀମାନେ ଘରକୁ ଘର ବୁଲି ଭୋଟ ମାଗିଥିଲେ। ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ହିନ୍ଦୋଳ ବ୍ଲକର ପୂର୍ବତନ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ଜିଲା ବିଜେଡି କୃଷକ ସଙ୍ଗଠନ ସଭାପତି ନରୋତ୍ତମ ସାହୁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

ସେହିପରି ଭାଜପା ପକ୍ଷରୁ ଏକ ପ୍ରଚାର ରଥର ଶୁଭାରମ୍ଭ କରାଯାଇଥିଲା। ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ବିଭୂତି ଭୂଷଣ ପ୍ରଧାନ, ପ୍ରେମାନନ୍ଦ ଜେନା, ଜିଲା ସାଧାରଣ ସମ୍ପାଦକ ସୁନୀଲ ଶର୍ମା ପ୍ରମୁଖ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟଭିକ୍ଷା କରିଛନ୍ତି। ତେବେ କଂଗ୍ରେସ ପକ୍ଷରୁ ପ୍ରଚାର ଜମି ନ ଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ସ୍ୱାଧୀନ କାଉନ୍ସିଲର ପ୍ରାର୍ଥୀମାନେ ନିଜ ନିଜ ୱାର୍ଡରେ ପ୍ରଚାର କରୁଛନ୍ତି। ଚଳିତ ନିର୍ବାଚନରେ ବିଜେଡି, ଭାଜପା ଏବଂ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଥିବାବେଳେ କେତେକ ୱାର୍ଡରେ ସ୍ୱାଧୀନ ପ୍ରାର୍ଥୀ ନିର୍ଣ୍ଣାୟକ ଭୂମିକା ନେବେ ବୋଲି ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ, ହିନ୍ଦୋଳ ଏନ୍ଏସି ନଗରପାଳ ପଦବୀ ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ ରହିଛି। ବିଜେଡି ପକ୍ଷରୁ ୨ନଂ. ୱାର୍ଡର କେଶବ ଚନ୍ଦ୍ର ପ୍ରଧାନ, ଭାଜପା ପକ୍ଷରୁ ୯ନଂ. ୱାର୍ଡର ସୌଭାଗିନୀ ପ୍ରଧାନ ଏବଂ କଂଗ୍ରେସ ପକ୍ଷରୁ ୧ନଂ. ୱାର୍ଡର ରୀତା ପଲେଇ ଏହି ପଦବୀରେ ନିର୍ବାଚନ ଲଢୁଛନ୍ତି। ୩ ତାରିଖରେ ମତଦାନ ହେବାକୁ ଥିବାବେଳେ ଦିନେ ଦୁଇଦିନ ମଧ୍ୟରେ ପ୍ରଚାର ଜମିବ ବୋଲି ଜଣାପଡ଼ୁଛି।

# ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ମୃତ୍ୟୁ

**ରାଜପଥ ଅବରୋଧ, ଉତ୍ତେଜନା**

**ଢେଙ୍କାନାଳ ଅଫିସ, ୨୨।୩**

ଏକ ଦୁର୍ଘଟଣାରେ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ଢେଙ୍କାନାଳ ସହର ଉପକଣ୍ଠ କଣ୍ଟାନାଳୀ ବାଇପାସ୍ ଅଞ୍ଚଳର ବିକ୍ରମ ପ୍ରଧାନ (୨୪)ଙ୍କ ବୁଧବାର ମୃତ୍ୟୁ ଘଟିଛି। ଏହାର ପ୍ରତିବାଦରେ ମୃତକଙ୍କ ପରିବାର ଏବଂ ଅଞ୍ଚଳବାସୀ କଣ୍ଟାନାଳୀ ବାଇପାସ୍‌ରେ ମୃତଦେହ ରଖି ୫୫ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ପୋଲିସ ଅଧିକାରୀ, ପ୍ରଶାସନିକ ଅଧିକାରୀଙ୍କ ହସ୍ତକ୍ଷେପ ପରେ ରାତି ୯ଟା ୪୫ରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ସୂଚନାଯୋଗ୍ୟ, ଗତ ୧୬ ତାରିଖ ରାତିରେ ବିକ୍ରମ ଏବଂ ତାଙ୍କର ଅନ୍ୟଜଣେ ସହଯୋଗୀ ଦୁର୍ଘଟଣାର ଶିକାର ହୋଇଥିଲେ। ଉଭୟେ ଏକ ବାଇକ୍‌ରେ ଆସୁଥିବାବେଳେ ୫୫ନଂ. ଜାତୀୟ ରାଜପଥର ପାଞ୍ଚକାହାଣିଆ ନିକଟରେ ଏକ କାର୍ ଦ୍ରୁତଗତିରେ ଆସି ଧକ୍କା ଦେଇଥିଲା। ଉଭୟଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ବିକ୍ରମଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା କାର୍ ଜବତ କରି ତଦନ୍ତ ଚଳାଇଥିଲା। ଇତିମଧ୍ୟରେ ବୁଧବାର ବିକ୍ରମଙ୍କ ମୃତ୍ୟୁ ହୋଇଯାଇଥିବାବେଳେ କ୍ଷତିପୂରଣ ଦାବିରେ ଅଞ୍ଚଳବାସୀ ରାସ୍ତା ଅବରୋଧ କରିଥିଲେ। ତହସିଲଦାର ସୁଧାଂଶୁ ଶେଖର ସାଓ, ଟାଉନ ଥାନାର ଅତିରିକ୍ତ ଥାନାଧିକାରୀ କଳ୍ପନା ବେହେରା, ଏସ୍ଆଇ ଶାନ୍ତନୁ ପ୍ରଧାନ, ସୌଭାଗ୍ୟ ପାଣି ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ରେଡ୍‌କ୍ରସ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ସହାୟତା ଦିଆଯାଇଛି। ସେହିପରି ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତାରୋକୋ ହଟିଥିବା ତହସିଲଦାର ସୂଚନା ଦେଇଛନ୍ତି। ଅନ୍ୟପଟେ ରାସ୍ତା ଅବରୋଧ ଯୋଗୁ ଉଭୟ ପାର୍ଶ୍ୱରେ ବହୁସଂଖ୍ୟକ ଯାନବାହନ ଅଟକି ରହିଥିଲା।



ମୃତଦେହ ରଖି ରାସ୍ତାରୋକୋ।

# ଆଖୁ କିଆରିରୁ ୧୧ ଫୁଟର ଅଜଗର ଉଦ୍ଧାର



ଉଦ୍ଧାର ଅଜଗର।

**କାମାକ୍ଷାନଗର, ୨୨।୩(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ୍‌ର ଅଁଳାବେରେଣୀ ଫରେଷ୍ଟ ସେକ୍ସନ ଅଧୀନ କୋଟଗରା ଗ୍ରାମ ନିକଟ ଏକ ଆଖୁ କିଆରିରୁ ବୁଧବାର ୧୧ ଫୁଟ ଲମ୍ବର ଏକ ବିଶାଳକାୟ ଅଜଗର ଉଦ୍ଧାର କରାଯାଇଛି। ସାପଟି ଆଖୁ କିଆରିରେ ଥିବା ସୂଚନା ପାଇବା ପରେ ଢେଙ୍କାନାଳ ସାପ ଉଦ୍ଧାରକାରୀ ଟିମ୍ ସଦସ୍ୟ ମହେନ୍ଦ୍ର ଭୂତିଆ, ନିରାକାର ସାହୁ, ଆଶିଷ ମିଶ୍ର ପ୍ରମୁଖ ପହଞ୍ଚି ଏହାକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଅଁଳାବେରେଣୀ ଫରେଷ୍ଟର ରମେଶ ଚନ୍ଦ୍ର ପାଣିଗ୍ରାହୀଙ୍କ ଉପସ୍ଥିତିରେ ଅଜଗରକୁ କଦଳୀପାଳ ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦିଆଯାଇଛି ।

# ପଥୁରିଆ ଜମି ପାଇଁ ଜଳସଙ୍କଟ ଉତ୍କଟ

**ଢେଙ୍କାନାଳ ଅଫିସ, ୨୨।୩**

ଢେଙ୍କାନାଳ ସଦର ବ୍ଲକ ନୂଆଗାଁ ପଞ୍ଚାୟତ ଗୋଡ଼ିସାହି କୋଠଘରେ ବିଶୁଦ୍ଧ ପାନୀୟ ଜଳଯୋଗାଣ ଏବଂ ପରିମଳ ପରିଚାଳନା ସମ୍ପର୍କିତ ଏକ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମାଜର ଅବହେଳିତ ତଥା ପଛୁଆ ବର୍ଗଙ୍କ ନିକଟରେ ଶୁଦ୍ଧ ପାନୀୟ ଜଳ ପହଞ୍ଚାଇବା ଏବଂ ସେମାନ ପାଇଁ ଆବର୍ଜନାମୁକ୍ତ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ନଳକୂପଗୁଡ଼ିକ ବାରମ୍ବାର ଖରାପ ହେଉଛି। ଜମି ପଥୁରିଆ ହୋଇଥିବାରୁ ଭୂତଳ ଜଳ ବ୍ୟବହାର କରିବା ସହଜ ହେଉନାହିଁ। ପାଇଖାନା ଟାଙ୍କି ନିର୍ମାଣ କରାଯାଇପାରୁନାହିଁ। ତରଳ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଲାଗି ଆବର୍ଜନା କୁଣ୍ଡ ନାହିଁ। ଏହାର ସମାଧାନ ଲାଗି ପଞ୍ଚାୟତସ୍ତରରେ ଏକ କୋର୍ କମିଟି ଗଠନ କରି ପ୍ରଶାସନ ଏବଂ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଷ୍ପତ୍ତି ହୋଇଛି।

ଫାନ୍‌ସା, ଆଇଆଇୱାଡି, ଏଣ୍ଡ୍ ୱାଟର ପର୍ଭର୍ଟି, ସ୍ୱେଚ୍ଛାସେବୀ ସଂସ୍ଥା 'ଆଶୀର୍ବାଦ' ଓ 'ଫ୍ରେଣ୍ଡ'ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଆଲୋଚନାଚକ୍ରରେ ବିଭିନ୍ନ ବର୍ଗର ୩୫ଜଣ ଅଂଶଗ୍ରହଣ କରିଥିଲେ। 'ଆଶୀର୍ବାଦ'ର ସମ୍ପାଦକ ଅମ୍ବିକା ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ 'ଫ୍ରେଣ୍ଡ୍'ର ସମ୍ପାଦକ ପ୍ରତାପ ରାଉତ ଏଥିରେ ସହଯୋଗ କରିଥିଲେ।



# ୫୯ ଜଣଙ୍କୁ ନେତୃତ୍ୱ ବିକାଶ ତାଲିମ

**ଢେଙ୍କାନାଳ ଅଫିସ, ୨୨।୩**

ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ବିଭାଗ, ଢେଙ୍କାନାଳ ନେହେରୁ ଯୁବକେନ୍ଦ୍ର ଏବଂ ନ୍ୟୁ ଇଣ୍ଡିଆ ଆନୁକୂଲ୍ୟରେ ଗଁଦିଆ ବ୍ଲକ ସନ୍ତପୁରରେ ୩ ଦିନିଆ ଯୁବ ନେତୃତ୍ୱ ଓ ଗୋଷ୍ଠୀ ବିକାଶ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୫୯ ଯୁବତୀଯୁବକଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ସରପଞ୍ଚ ବନମାଳୀ ଲେଙ୍କା ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଜିତେନ୍ଦ୍ର ପାଣି, ଦିଲୀପ ସରକାର, ସାମାଜିକ କର୍ମୀ କୈଳାସ ଚନ୍ଦ୍ର ରାଉତ, ଗଗନ ବିହାରୀ ରାଉତ, ଦୀପ ନାୟକ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ନେହେରୁ ଯୁବକେନ୍ଦ୍ରର ଅତିରିକ୍ତ ନିର୍ଦ୍ଦେଶକ ଅଶୋକ ଦାଶ, ବିତ୍ତ ଅଧିକାରୀ ଶଶାଙ୍କ ଶେଖର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଯାପନୀ ଦିବସରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଲୋକପାଳ ଅମରେନ୍ଦ୍ର ମଲ୍ଲ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଶେଷଦେବ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଉଦ୍‌ଯାପନୀ ଦିବସରେ ପ୍ରମାଣପତ୍ର ସହ ଶିବିରାର୍ଥୀମାନେ।

# ଜଳ ସଂରକ୍ଷଣ ଜରୁରୀ



ବିଶ୍ୱ ଜଳ ଦିବସରେ ଛାତ୍ରୀଛାତ୍ରମାନେ।

**ଢେଙ୍କାନାଳ ଅଫିସ, ୨୨।୩**

ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନ ଜିଲା ବିଜ୍ଞାନ କେନ୍ଦ୍ରରେ ବୁଧବାର ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ଜିଲା ବିଜ୍ଞାନ ଅଧିକାରୀ ମଥୁରୀ ମୋହନ ରାଉତଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜଳ ହିଁ ଜୀବନ। ହେଲେ ସମ୍ପ୍ରତି ଜଳ ଉତ୍ସଗୁଡ଼ିକ ପ୍ରଦୂଷିତ ହେବାରେ ଲାଗିଛି। ଏଭଳି ହେଲେ କିଛି ବର୍ଷ ମଧୁର ଜଳ ସଙ୍କଟ ଦେଖାଯିବ। ତେଣୁ ଜଳ ସଂରକ୍ଷଣ ପାଇଁ ସବୁସ୍ତରରେ ଉଦ୍ୟମ ହେବା ଜରୁରୀ ବୋଲି ମତପ୍ରକାଶ ପାଇଥିଲା। ଜଳର ଗୁଣବତ୍ତା, ବିଶ୍ୱ ଜଳ ଦିବସର ମହତ୍ତ୍ୱ, ସ୍ଥାୟୀ ବିକାଶ ଲକ୍ଷ୍ୟ ଆଦି ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥାପନା କରାଯାଇଥିଲା। ଏହି ଅବସରରେ ଶଙ୍କର ଗୁରୁଙ୍ଗ୍ ଏବଂ ଶିକ୍ଷା ସହାୟକ ବିଜ୍ଞାନ ଖେଳଣା ପ୍ରସ୍ତୁତି କର୍ମଶାଳାର ପରିଚାଳନା କରିଥିଲେ। ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ, ଦିଲ୍ଲୀ ପବ୍ଲିକ ସ୍କୁଲ, ସେଣ୍ଟ୍ ଜାଭିୟର ହାଇସ୍କୁଲର ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ।

# ଜାଗା ବିବାଦ ତେଜିଲା

- ୨ ଆଦିବାସୀ ଗାଁ ମୁହାଁମୁହିଁ
- ଶାନ୍ତି ବଜାୟ ରଖିବାକୁ ଅନୁରୋଧ

**କାମାକ୍ଷାନଗର, ୨୨।୩(ଡି.ଏନ୍.ଏ.)**

ଏକ ଜଙ୍ଗଲ ଜମିକୁ ନେଇ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକର ଆଦିବାସୀବହୁଳ ଗାଁ କୋଇ ଏବଂ ଧୂଳିଗୋଠ ମଧ୍ୟରେ ବିବାଦ ତେଜିଛି। ଦୁଇ ଗ୍ରାମ ସୀମାନ୍ତରେ ଥିବା ଉକ୍ତ ଜମି ଉପରେ ଉଭୟ ପକ୍ଷ ନିଜ ନିଜର ଅଧିକାର ସାବ୍ୟସ୍ତ କରୁଥିବାବେଳେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପଟେ ଏହାର ସମାଧାନ କରିବାକୁ ଯାଇ ବନ ବିଭାଗ ନାକେଦମ ହୋଇଥିବାବେଳେ ପ୍ରଶାସନ ପକ୍ଷରୁ ଶାନ୍ତି ବଜାୟ ରଖିବାକୁ ଆହ୍ୱାନ ଦିଆଯାଇଛି।

କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ୍ ବାଲିକୁମା ପଞ୍ଚାୟତର କୋଇ ଏବଂ ଧୂଳିଗୋଠ ସୀମାନ୍ତରେ ଏକ ଜଙ୍ଗଲ ଜମି ରହିଛି। କୋଇ ଗ୍ରାମବାସୀଙ୍କ କହିବା କଥା, ବାପା, ଜେଜେ ଅମଳର ଉକ୍ତ ଜମିକୁ ସେମାନେ ଚାରଣ ଭୂମି ଭାବେ ବ୍ୟବହାର କରି ଆସୁଥିଲେ। ଅଞ୍ଚଳ ସବୁଜିମାରେ ଭରି ରହିଥିଲା। ତେବେ ଧୂଳିଗୋଠ ଅଞ୍ଚଳର କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଉକ୍ତ ଜମିରୁ ମୂଲ୍ୟବାନ ଗଛ କାଟି ଲଣ୍ଡା କରିଦେଲେଣି। ବେଆଇନ ଭାବେ ସେଠାରେ ପୋଖରୀ ନିର୍ମାଣ କରାଯାଉଛି। ସାମୂହିକ ସ୍ୱାର୍ଥକୁ ବଳିଦେଇ ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟବହାର କରାଯାଉଛି। ଜଙ୍ଗଲ ଜମିରେ ଅବାଧ ଖନନ କାର୍ଯ୍ୟ ଚାଲିଛି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବା ସହ ବ୍ୟାପକ ବନୀକରଣ କରିବାକୁ ସେମାନେ ଦାବି କରିଛନ୍ତି। ଅନ୍ୟପଟେ ଧୂଳିଗୋଠ ଗ୍ରାମବାସୀ ମଧ୍ୟ ବିବାଦୀୟ ଜଙ୍ଗଲ ଜମିରେ ନିଜର ଅଧିକାର ସାବ୍ୟସ୍ତ କରୁଛନ୍ତି। ଫଳରେ ବିବାଦ ତୀବ୍ର ରୂପ ନେବାରେ ଲାଗିଛି।

ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି। ଉଭୟ ଗ୍ରାମବାସୀ ଶାନ୍ତି ବଜାୟ ରଖିବାକୁ ସେ ନିବେଦନ କରିଛନ୍ତି। ଏଥିସହ ଏହାର ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ବିବାଦୀୟ ଜଙ୍ଗଲ ଜମିରେ ପୋଖରୀ ଖନନକୁ ବିରୋଧ କରି କୋଇ ଗ୍ରାମବାସୀ ଏକାଠି ହୋଇଛନ୍ତି।

